# .. ଶ୍ରୀମଦ୍ଭଗବଦ୍ଗୀତା ସପ୍ତଦଶୋଽଧ୍ୟାୟଃ (ଶ୍ରଦ୍ଧାତ୍ରୟବିଭାଗଯୋଗଃ) ..

CHAPTER 17
THREEFOLD FAITH

**ଅଥ ସପ୍ତଦଶୋଽଧ୍ୟାୟଃ . ଶ୍ରଦ୍ଧାତ୍ରୟବିଭାଗଯୋଗଃ**

**ଅର୍ଜୁନ ଉବାଚ .**

**ଯେ ଶାସ୍ତ୍ରବିଧିମୁତ୍ସୃଜ୍ୟ ଯଜଂତେ ଶ୍ରଦ୍ଧୟାନ୍ୱିତାଃ .**

**ତେଷାଂ ନିଷ୍ଠା ତୁ କା କୃଷ୍ଣ ସତ୍ତ୍ୱମାହୋ ରଜସ୍ତମଃ .. ୧୭-୧..**

ଅର୍ଜୁନ ପଚାରିଲେ -- ହେ କୃଷ୍ଣ ! ଯେଉଁ ମନୁଷ୍ୟମାନେ ଶାସ୍ତ୍ରବିଧି ତ୍ୟାଗ କରି ଶ୍ରଦ୍ଧାଯୁକ୍ତ ହୋଇ ଦେବାଦିଙ୍କୁ ପୂଜା କରନ୍ତି, ସେମାନଙ୍କର ସ୍ଥିତି କ'ଣ ହୁଏ -- ସାତ୍ତ୍ୱିକୀ, ନା ରାଜସୀ, ନା ତାମସୀ? ||୧୭-୦୧||

Arjuna said: What is the state of devotion of those who perform spiritual practices with faith but without following the scriptural injunctions, O Krishna? Is it Saattvika, Raajasika, or Taamasika? (17.01)

**ଶ୍ରୀଭଗବାନୁବାଚ .**

**ତ୍ରିବିଧା ଭବତି ଶ୍ରଦ୍ଧା ଦେହିନାଂ ସା ସ୍ୱଭାବଜା .**

**ସାତ୍ତ୍ୱିକୀ ରାଜସୀ ଚୈବ ତାମସୀ ଚେତି ତାଂ ଶୃଣୁ .. ୧୭-୨..**

ଶ୍ରୀଭଗବାନ କହିଲେ-- ମନୁଷ୍ୟମାନଙ୍କର ସେହି ଶାସ୍ତ୍ରୀୟ ସଂସ୍କାରରୁ ରହିତ କେବଳ ସ୍ୱଭାବରୁ ଉତ୍ପନ୍ନ ଶ୍ରଦ୍ଧା ସାତ୍ତ୍ୱିକୀ, ରାଜସୀ ତଥା ତାମସୀ-- ଏପରି ତିନିପ୍ରକାର ହୋଇଥାଏ | ତାହା ତୁମେ ମୋ ଠାରୁ ଶୁଣ ||୧୭-୦୨||

The Supreme Lord said: The natural faith of embodied beings is of three types: Saattvika, Raajasika, and Taamasika. Hear that from Me. (17.02)

**ସତ୍ତ୍ୱାନୁରୂପା ସର୍ବସ୍ୟ ଶ୍ରଦ୍ଧା ଭବତି ଭାରତ .**

**ଶ୍ରଦ୍ଧାମୟୋଽୟଂ ପୁରୁଷୋ ଯୋ ଯଚ୍ଛ୍ରଦ୍ଧଃ ସ ଏବ ସଃ .. ୧୭-୩..**

ହେ ଭାରତ ! ସବୁ ମନୁଷ୍ୟଙ୍କ ଶ୍ରଦ୍ଧା ସେମାନଙ୍କ ଅନ୍ତଃକରଣର ଅନୁରୂପ ହୁଏ | ଏହି ପୁରୁଷ ଶ୍ରଦ୍ଧାମୟ ଅଟେ | ଏଣୁ ଯେଉଁ ପୁରୁଷ ଯେପରି ଶ୍ରଦ୍ଧାବାନ୍, ସେ ସ୍ୱୟଂ ମଧ୍ୟ ସେପରି ହିଁ ଅଟେ ||୧୭-୦୩||

O Arjuna, the faith of each is in accordance with one's own nature or Sanskaara. A person is known by the faith. One can become whatever one wants to be (if one constantly contemplates on the object of desire with faith). (17.03)

**ଯଜଂତେ ସାତ୍ତ୍ୱିକା ଦେବାନ୍ୟକ୍ଷରକ୍ଷାଂସି ରାଜସାଃ .**

**ପ୍ରେତାନ୍ଭୂତଗଣାଂଶ୍ଚାନ୍ୟେ ଯଜଂତେ ତାମସା ଜନାଃ .. ୧୭-୪..**

ସାତ୍ତ୍ୱିକ ଲୋକେ ଦେବତାମାନଙ୍କୁ, ରାଜସ ଲୋକେ ଯକ୍ଷ ଓ ରାକ୍ଷସମାନଙ୍କୁ ଏବଂ ତାମସ ଲୋକେ ପ୍ରେତ ଓ ଭୂତମାନଙ୍କୁ ପୂଜା କରନ୍ତି ||୧୭-୦୪||

The Saattvika persons worship Devas, the Raajasika people worship demigods and demons, and the Taamasika persons worship ghosts and spirits. (17.04)

**ଅଶାସ୍ତ୍ରବିହିତଂ ଘୋରଂ ତପ୍ୟଂତେ ଯେ ତପୋ ଜନାଃ .**

**ଦଂଭାହଂକାରସଂଯୁକ୍ତାଃ କାମରାଗବଲାନ୍ୱିତାଃ .. ୧୭-୫..**

ଯେଉଁମାନେ ଶାସ୍ତ୍ରବିଧିରହିତ କେବଳ ମନଃକଳ୍ପିତ ଘୋର ତପ ଆଚରଣ କରନ୍ତି ତଥା ଦମ୍ଭ ଓ ଅହଙ୍କାରରେ ଯୁକ୍ତ ହୋଇ କାମନା, ଆସକ୍ତି ଓ ବଳର ଅଭିମାନରେ ମଧ୍ୟ ଜଡିତ ରହନ୍ତି ... ||୧୭-୦୫||

Those who practice severe austerities without following the scriptures, with hypocrisy and egotism, impelled by lust, and attachment; (17.05)

**କର୍ଷୟଂତଃ ଶରୀରସ୍ଥଂ ଭୂତଗ୍ରାମମଚେତସଃ .**

**ମାଂ ଚୈବାଂତଃଶରୀରସ୍ଥଂ ତାନ୍ବିଦ୍ଧ୍ୟାସୁରନିଶ୍ଚୟାନ୍ .. ୧୭-୬..**

ଶରୀରରୂପରେ ଅବସ୍ଥିତ ଭୂତସମୁଦାୟକୁ ଏବଂ ଅନ୍ତଃକରଣରେ ସ୍ଥିତ ମୋତେ (ପରମାତ୍ମାଙ୍କୁ) ମଧ୍ୟ କୃଶ କରାଉଥିବା ସେହି ଅଜ୍ଞାନୀମାନଙ୍କୁ ଆସୁରସ୍ୱଭାବ ଧରିଥିବା ଲୋକ ବୋଲି ଜାଣ ||୧୭-୦୬||

Senselessly torturing the elements in their body and also Me who dwell within the body; know these ignorant persons to be of demonic nature. (17.06)

**ଆହାରସ୍ତ୍ୱପି ସର୍ବସ୍ୟ ତ୍ରିବିଧୋ ଭବତି ପ୍ରିୟଃ .**

**ଯଜ୍ଞସ୍ତପସ୍ତଥା ଦାନଂ ତେଷାଂ ଭେଦମିମଂ ଶୃଣୁ .. ୧୭-୭..**

ଆହାର (ଖାଦ୍ୟ) ମଧ୍ୟ ଲୋକଙ୍କ ପ୍ରକୃତି ଅନୁସାରେ ତିନିପ୍ରକାର ପ୍ରିୟ ହୁଏ ଏବଂ ଯଜ୍ଞ, ତପ ଓ ଦାନ ମଧ୍ୟ ସେହିପରି ତିନିପ୍ରକାରର ହୁଏ | ସେଗୁଡିକର ଏହି ପୃଥକ୍ ପୃଥକ୍ ବିଭାଗକୁ ତୁମେ ମୋଠାରୁ ଶୁଣ ||୧୭-୦୭||

The food preferred by all is also of three types. So are the sacrifice, austerity, and charity. Now hear the distinction between them. (17.07)

odia.org

ଆୟୁଃସତ୍ତ୍ୱବଲାରୋଗ୍ୟସୁଖପ୍ରୀତିବିବର୍ଧନାଃ .

ରସ୍ୟାଃ ସ୍ନିଗ୍ଧାଃ ସ୍ଥିରା ହୃଦ୍ୟା ଆହାରାଃ ସାତ୍ତ୍ୱିକପ୍ରିୟାଃ .. ୧୭-୮..

ଯେଉଁ ଖାଦ୍ୟ ଆୟୁ, ବୁଦ୍ଧି, ବଳ, ଆରୋଗ୍ୟ, ସୁଖ ଏବଂ ପ୍ରୀତିବର୍ଦ୍ଧନକାରୀ, ରସଯୁକ୍ତ, ସ୍ନିଗ୍ଧ ଏବଂ ସ୍ଥିର ରହେ ତଥା ସ୍ୱଭାବତଃ ମନକୁ ପ୍ରିୟ ଲାଗେ, ସେହି ଖାଦ୍ୟ ସାତ୍ତ୍ୱିକ ମନୁଷ୍ୟମାନଙ୍କର ପ୍ରିୟ ||୧୭-୦୮||

The foods that promote longevity, virtue, strength, health, happiness, and joy; are juicy, smooth, substantial, and agreeable to the stomach. Such foods are dear to the Saattvika persons. (17.08)

କଟ୍ୱମ୍ଲଲବଣାତ୍ୟୁଷ୍ଣତୀକ୍ଷ୍ଣରୂକ୍ଷବିଦାହିନଃ .

ଆହାରା ରାଜସସ୍ୟେଷ୍ଟା ଦୁଃଖଶୋକାମୟପ୍ରଦାଃ .. ୧୭-୯..

ପିତା, ଖଟା, ଲୁଣିଆ, ଅତି ଉଷ୍ଣ, ରାଗ, ରୂକ୍ଷ, ଦାହକାରକ ଏବଂ ଦୁଃଖ, ଚିନ୍ତା ତଥା ରୋଗ ଉତ୍ପନ୍ନକାରୀ ଖାଦ୍ୟ ରାଜସ ଲୋକଙ୍କର ପ୍ରିୟ ||୧୭-୦୯||

Foods that are bitter, sour, salty, very hot, pungent, dry, and burning; and cause pain, grief, and disease; are liked by Raajasika persons. (17.09)

ୟାତୟାମଂ ଗତରସଂ ପୂତି ପର୍ୟୁଷିତଂ ଚ ୟତ୍ .

ଉଚ୍ଛିଷ୍ଟମପି ଚାମେଧ୍ୟଂ ଭୋଜନଂ ତାମସପ୍ରିୟମ୍ .. ୧୭-୧୦..

ଯେଉଁ ଖାଦ୍ୟ ଅର୍ଦ୍ଧସିଦ୍ଧ, ରସରହିତ, ଦୁର୍ଗନ୍ଧଯୁକ୍ତ, ବାସୀ ଓ ଅଇଁଠା ତଥା ଅପବିତ୍ର, ସେହି ଖାଦ୍ୟ ତାମସ ଲୋକର ପ୍ରିୟ ||୧୭-୧୦||

The foods liked by Taamasika persons are half-cooked, tasteless, rotten, stale, refuses, and impure (such as meat and alcohol). (17.10)

ଅଫଲାଂକ୍ଷିଭିର୍ୟଜ୍ଞୋ ବିଧିଦୃଷ୍ଟୋ ୟ ଇଜ୍ୟତେ .

ୟଷ୍ଟବ୍ୟମେବେତି ମନଃ ସମାଧାୟ ସ ସାତ୍ତ୍ୱିକଃ .. ୧୭-୧୧..

ଯେଉଁ ଯଜ୍ଞ ଶାସ୍ତ୍ରବିଧିରେ ନିୟତ, ଯାହା କରିବା ହିଁ ଉଚିତ ବୋଲି ମନକୁ ଦୃଢ ନିଶ୍ଚିତ କରି ଫଳ ଇଛା କରୁ ନ ଥିବା ପୁରୁଷମାନଙ୍କଦ୍ୱାରା କରାଯାଏ, ତାହା ସାତ୍ତ୍ୱିକ ||୧୭-୧୧||

Yajna enjoined by the scriptures, performed with a firm belief that it is a duty, and without the desire for the fruit, is Saattvika Yajna. (17.11)

odia.org

## ଅଭିସଂଧାୟ ତୁ ଫଲଂ ଦଂଭାର୍ଥମପି ଚୈବ ୟତ୍ .

## ଇଜ୍ୟତେ ଭରତଶ୍ରେଷ୍ଠ ତଂ ୟଜ୍ଞଂ ବିଦ୍ଧି ରାଜସମ୍ .. ୧୭-୧୨..

କିନ୍ତୁ ହେ ଅର୍ଜୁନ ! କେବଳ ଦମ୍ଭାଚରଣପାଇଁ ଅଥବା ଫଳପ୍ରାପ୍ତି ଉଦ୍ଦେଶ୍ୟ ରଖି ଯେଉଁ ଯଜ୍ଞ କରାଯାଏ, ସେହି ଯଜ୍ଞକୁ ତୁମେ ରାଜସ ବୋଲି ଜାଣ ||୧୭-୧୨||

Yajna which is performed only for show, or aiming for fruit, know that to be Raajasika Yajna, O Arjuna. (17.12)

## ବିଧିହୀନମସୃଷ୍ଟାନ୍ନଂ ମଂତ୍ରହୀନମଦକ୍ଷିଣମ୍ .

## ଶ୍ରଦ୍ଧାବିରହିତଂ ୟଜ୍ଞଂ ତାମସଂ ପରିଚକ୍ଷତେ .. ୧୭-୧୩..

ବିନା ମନ୍ତ୍ରରେ, ବିନା ଦକ୍ଷିଣାରେ ଏବଂ ବିନା ଶ୍ରଦ୍ଧାରେ କରାଯାଉଥିବା ଶାସ୍ତ୍ରବିଧିରହିତ ତଥା ଅନ୍ନଦାନରହିତ ଯଜ୍ଞକୁ ତାମସ ଯଜ୍ଞ ବୋଲି କୁହାଯାଏ ||୧୭-୧୩||

Yajna that is performed without following the scripture, in which no food is distributed, which is devoid of mantra, faith, and gift, is said to be Taamasika Yajna. (17.13)

## ଦେବଦ୍ୱିଜଗୁରୁପ୍ରାଜ୍ଞପୂଜନଂ ଶୌଚମାର୍ଜବମ୍ .

## ବ୍ରହ୍ମଚର୍ୟମହିଂସା ଚ ଶାରୀରଂ ତପ ଉଚ୍ୟତେ .. ୧୭-୧୪..

ଦେବତା, ବ୍ରାହ୍ମଣ, ଗୁରୁ ଏବଂ ଜ୍ଞାନୀମାନଙ୍କର ପୂଜନ, ପବିତ୍ରତା, ସରଳତା, ବ୍ରହ୍ମଚର୍ଯ୍ୟ ଏବଂ ଅହିଂସା -- ଏହାକୁ ଶରୀରସମ୍ବନ୍ଧୀ ତପ କୁହାଯାଏ ||୧୭-୧୪||

The worship of Devas, Braahmana, guru, and the wise; purity, honesty, celibacy, and nonviolence; these are said to be the austerity of deed. (17.14)

## ଅନୁଦ୍ୱେଗକରଂ ବାକ୍ୟଂ ସତ୍ୟଂ ପ୍ରିୟହିତଂ ଚ ୟତ୍ .

## ସ୍ୱାଧ୍ୟାୟାଭ୍ୟସନଂ ଚୈବ ବାଙ୍ମୟଂ ତପ ଉଚ୍ୟତେ .. ୧୭-୧୫..

ଯାହା ଉଦ୍‌ବେଗକାରକ ନୁହେଁ, ଯାହା ପ୍ରିୟ, ହିତକର ଏବଂ ଯଥାର୍ଥ ବଚନ, ତଥା ଯାହା ବେଦ-ଶାସ୍ତ୍ରପଠନର ଏବଂ ପରମେଶ୍ୱରଙ୍କ ନାମ ଜପ କରିବାର ଅଭ୍ୟାସ, ତାହାକୁ ହିଁ ବାଣୀସମ୍ବନ୍ଧୀ ତପ କୁହାଯାଏ |୧୭-୧୫||

Speech that is not offensive, truthful, pleasant, beneficial, and is used for the regular reading of scriptures is called the austerity of word. (17.15)

## ମନଃ ପ୍ରସାଦଃ ସୌମ୍ୟତ୍ୱଂ ମୌନମାତ୍ମବିନିଗ୍ରହଃ .

## ଭାବସଂଶୁଦ୍ଧିରିତ୍ୟେତତ୍ତପୋ ମାନସମୁଚ୍ୟତେ .. ୧୭-୧୬..

ମନର ପ୍ରସନ୍ନତା, ଶାନ୍ତଭାବ, ଭଗବତ୍-ଚିନ୍ତନ କରିବାର ସ୍ୱଭାବ, ମନର ନିଗ୍ରହ ଏବଂ ଅନ୍ତଃକରଣସ୍ଥିତ

ଭାବମାନଙ୍କର ସମ୍ୟକ୍ ପବିତ୍ରତା-- ଏହାକୁ ମନସମ୍ବନ୍ଧୀ ତପ କୁହାଯାଏ ||୧୭-୧୬||

The serenity of mind, gentleness, silence, self-restraint, and the purity of mind are called the austerity of thought. (17.16)

## ଶ୍ରଦ୍ଧୟା ପରୟା ତପ୍ତଂ ତପସ୍ତତ୍ତ୍ରିବିଧଂ ନରୈଃ .

## ଅଫଲାକାଂକ୍ଷିଭିର୍ୟୁକ୍ତୈଃ ସାତ୍ତ୍ୱିକଂ ପରିଚକ୍ଷତେ .. ୧୭-୧୭..

ଫଳ ଇଛା କରୁ ନ ଥିବା ଯୋଗୀପୁରୁଷମାନଙ୍କ ଦ୍ୱାରା ପରମ ଶ୍ରଦ୍ଧାର ସହିତ କରାଯାଉଥିବା ସେହି ପୂର୍ବୋକ୍ତ

କାୟିକ, ବାଚିକ ଓ ମାନସିକ -- ତିନିପ୍ରକାର ତପକୁ ସାତ୍ତ୍ୱିକ ତପ କହନ୍ତି ||୧୭-୧୭||

Threefold austerity (of thought, word, and deed) practiced by yogis with supreme faith, without a desire for the fruit, is said to be Saattvika austerity. (17.17)

## ସତ୍କାରମାନପୂଜାର୍ଥଂ ତପୋ ଦଂଭେନ ଚୈବ ଯତ୍ .

## କ୍ରିୟତେ ତଦିହ ପ୍ରୋକ୍ତଂ ରାଜସଂ ଚଲମଧ୍ରୁବମ୍ .. ୧୭-୧୮..

ଯେଉଁ ତପ ସତ୍କାର, ମାନ ଓ ପୁଜା ପାଇବାପାଇଁ ତଥା ଅନ୍ୟ କୌଣସି ସ୍ୱାର୍ଥସିଦ୍ଧିପାଇଁ ସ୍ୱଭାବତଃ ବା

ଦମ୍ଭପୂର୍ବକ କରାଯାଏ, ସେହି ଅନିଶ୍ଚିତ ଏବଂ କ୍ଷଣିକଫଳଦାୟୀ ତପକୁ ରାଜସ ତପ କୁହାଯାଏ ||୧୭-୧୮||

Austerity that is done for gaining respect, honor, reverence, and for show, is said to be Raajasika, unsteady, and impermanent. (17.18)

## ମୂଢଗ୍ରାହେଣାତ୍ମନୋ ଯତ୍ପୀଡୟା କ୍ରିୟତେ ତପଃ .

## ପରସ୍ୟୋତ୍ସାଦନାର୍ଥଂ ବା ତତ୍ତାମସମୁଦାହୃତମ୍ .. ୧୭-୧୯..

ଯେଉଁ ତପ ମୂଢତାପୂର୍ବକ ଜିଦ୍ ଧରି ମନ, ବାଣୀ ଓ ଶରୀରର ପୀଡା ସହିତ କରାଯାଏ, ଅଥବା ଅନ୍ୟର ଅନିଷ୍ଟ

କରିବା ନିମନ୍ତେ କରାଯାଏ, ସେହି ତପକୁ ତାମସ ତପ କୁହାଯାଏ ||୧୭-୧୯||

Austerity performed without proper understanding, or with self-torture, or for harming others, is declared as Taamasika austerity. (17.19)

**ଦାତବ୍ୟମିତି ଯଦ୍ଦାନଂ ଦୀୟତେଽନୁପକାରିଣେ .**

**ଦେଶେ କାଲେ ଚ ପାତ୍ରେ ଚ ତଦ୍ଦାନଂ ସାତ୍ତ୍ୱିକଂ ସ୍ମୃତମ୍ .. ୧୭-୨୦..**

ଦାନ ଦେବା ହିଁ କର୍ତ୍ତବ୍ୟ -- ଏପରି ଭାବ ରଖି ଯେଉଁ ଦାନ ଦେଶ, କାଳ ଓ ପାତ୍ର ପ୍ରାପ୍ତ ହେଲେ ପ୍ରତ୍ୟୁପକାର ଆଶା ନ ରଖି ଅନୁପକାରୀକୁ ନିଃସ୍ୱାର୍ଥଭାବରେ ଦିଆଯାଏ, ସେହି ଦାନକୁ ସାତ୍ତ୍ୱିକ କହନ୍ତି ||୧୭-୨୦||

Charity that is given as a matter of duty, to a deserving candidate who does nothing in return, at the right place and time, is called a Saattvika charity. (17.20)

**ଯତ୍ତୁ ପ୍ରତ୍ୟୁପକାରାର୍ଥଂ ଫଲମୁଦ୍ଦିଶ୍ୟ ବା ପୁନଃ .**

**ଦୀୟତେ ଚ ପରିକ୍ଲିଷ୍ଟଂ ତଦ୍ଦାନଂ ରାଜସଂ ସ୍ମୃତମ୍ .. ୧୭-୨୧..**

କିନ୍ତୁ ଯେଉଁ ଦାନ କ୍ଲେଶପୂର୍ବକ ତଥା ପ୍ରତ୍ୟୁପକାର ପାଇବା ନିମନ୍ତେ ଅଥବା ଫଳପ୍ରାପ୍ତିଉଦ୍ଦେଶ୍ୟରେ ଦିଆଯାଏ, ସେହି ଦାନକୁ ରାଜସ କୁହାଯାଏ ||୧୭-୨୧||

Charity that is given unwillingly, or to get something in return, or looking for some fruit, is called Raajasika charity. (17.21)

**ଅଦେଶକାଲେ ଯଦ୍ଦାନମପାତ୍ରେଭ୍ୟଶ୍ଚ ଦୀୟତେ .**

**ଅସତ୍କୃତମବଜ୍ଞାତଂ ତତ୍ତାମସମୁଦାହୃତମ୍ .. ୧୭-୨୨..**

ଯେଉଁ ଦାନ ବିନା ସତ୍କାରରେ ଅଥବା ତିରସ୍କାରପୂର୍ବକ ଅଯୋଗ୍ୟ ଦେଶକାଳରେ ଏବଂ ଅପାତ୍ରମାନଙ୍କୁ ଦିଆଯାଏ, ସେହି ଦାନକୁ ତାମସ କୁହାଯାଏ ||୧୭-୨୨||

Charity that is given at a wrong place and time, to unworthy persons, without paying respect or with contempt, is said to be Taamasika charity. (17.22)

**ଓଁତତ୍ସଦିତି ନିର୍ଦେଶୋ ବ୍ରହ୍ମଣସ୍ତ୍ରିବିଧଃ ସ୍ମୃତଃ .**

**ବ୍ରାହ୍ମଣାସ୍ତେନ ବେଦାଶ୍ଚ ଯଜ୍ଞାଶ୍ଚ ବିହିତାଃ ପୁରା .. ୧୭-୨୩..**

ଓଁ, ତତ୍, ସତ୍ -- ସଚ୍ଚିଦାନନ୍ଦଘନ ବ୍ରହ୍ମଙ୍କର ଏହି ତିନିପ୍ରକାର ନାମ କୁହାଯାଇଛି | ସୃଷ୍ଟିର ଆଦିକାଳରେ ବ୍ରାହ୍ମଣମାନେ ଏବଂ ବେଦମାନେ ତଥା ଯଜ୍ଞମାନେ ତାଙ୍କରି ଦ୍ୱାରା ରଚିତ ହୋଇଛନ୍ତି ||୧୭-୨୩||

``OM TAT SAT'' is said to be the threefold name of Brahman. The Braahmana, the Vedas, and the Yajna were created from this in the ancient time. (17.23)

ତସ୍ମାଦୋମିତ୍ୟୁଦାହୃତ୍ୟ ଯଜ୍ଞଦାନତପଃକ୍ରିୟାଃ .

ପ୍ରବର୍ତଂତେ ବିଧାନୋକ୍ତାଃ ସତତଂ ବ୍ରହ୍ମବାଦିନାମ୍ .. ୧୭-୨୪..

ତେଣୁ ବେଦମନ୍ତ୍ର ଉଚ୍ଚାରଣ କରୁଥିବା ଶ୍ରେଷ୍ଠ ପୁରୁଷମାନଙ୍କର ଶାସ୍ତ୍ରବିଧିଦ୍ୱାରା ନିୟତ ଯଜ୍ଞ, ଦାନ ଏବଂ

ତପରୂପକ କ୍ରିୟାଗୁଡିକ ସର୍ବଦା ପରମାତ୍ମାଙ୍କର ଏହି ଓଁ ନାମ ଉଚ୍ଚାରଣ କରି ହିଁ ଆରମ୍ଭ ହୁଏ ||୧୭-୨୪||

Therefore, acts of sacrifice, charity, and austerity prescribed in the scriptures are always commenced by uttering ``OM'' by the knowers of Brahman. (17.24)

ତଦିତ୍ୟନଭିସଂଧାୟ ଫଲଂ ଯଜ୍ଞତପଃକ୍ରିୟାଃ .

ଦାନକ୍ରିୟାଶ୍ଚ ବିବିଧାଃ କ୍ରିୟଂତେ ମୋକ୍ଷକାଂକ୍ଷିଭିଃ .. ୧୭-୨୫..

ଏ ସବୁ 'ତତ୍' ନାମରେ କୁହାଯାଉଥିବା ପରମାତ୍ମାଙ୍କର ହିଁ ଅଟେ-- ଏହି ଭାବ ରଖି କଲ୍ୟାଣକାମୀ ପୁରୁଷମାନଙ୍କ

ଦ୍ୱାରା ଫଳ ଆକାଙ୍କ୍ଷା ନ କରି ନାନାପ୍ରକାର ଯଜ୍ଞ, ତପ ଓ ଦାନରୂପୀ କ୍ରିୟା କରାଯାଏ ||୧୭-୨୫||

Various types of sacrifice, charity, and austerity are performed by the seekers of nirvana by uttering ``TAT'' (or He is all) without seeking a reward. (17.25)

ସଦ୍ଭାବେ ସାଧୁଭାବେ ଚ ସଦିତ୍ୟେତତ୍ପ୍ରଯୁଜ୍ୟତେ .

ପ୍ରଶସ୍ତେ କର୍ମଣି ତଥା ସଚ୍ଛବ୍ଦଃ ପାର୍ଥ ଯୁଜ୍ୟତେ .. ୧୭-୨୬..

ପରମାତ୍ମାଙ୍କର ଏହି 'ସତ୍' ନାମ ସତ୍ୟଭାବରେ ଏବଂ ଶ୍ରେଷ୍ଠଭାବରେ ପ୍ରୟୋଗ କରାଯାଏ ତଥା ହେ ପାର୍ଥ !

ଉତ୍ତମ କର୍ମରେ ମଧ୍ୟ 'ସତ୍' ଶବ୍ଦ ପ୍ରୟୋଗ କରାଯାଏ ||୧୭-୨୬||

SAT is used in the sense of reality and goodness. The word ``SAT'' is also used for an auspicious act, O Arjuna. (17.26)

ଯଜ୍ଞେ ତପସି ଦାନେ ଚ ସ୍ଥିତିଃ ସଦିତି ଚୋଚ୍ୟତେ .

କର୍ମ ଚୈବ ତଦର୍ଥୀୟଂ ସଦିତ୍ୟେବାଭିଧୀୟତେ .. ୧୭-୨୭..

ତଥା ଯଜ୍ଞ, ତପ ଏବଂ ଦାନରେ ଯେଉଁ ସ୍ଥିତି ଥାଏ, ତାହାକୁ ମଧ୍ୟ 'ସତ୍' ବୋଲି କୁହାଯାଏ ଏବଂ ସେହି

ପରମାତ୍ମାଙ୍କ ପାଇଁ କରାଯାଉଥିବା କର୍ମକୁ ନିଶ୍ଚିତରୂପେ ସତ୍ ବୋଲି କୁହାଯାଏ ||୧୭-୨୭||

Faith in sacrifice, charity, and austerity is also called SAT. The action for the sake of the Supreme is verily termed as SAT. (17.27)

## ଅଶ୍ରଦ୍ଧୟା ହୁତଂ ଦତ୍ତଂ ତପସ୍ତପ୍ତଂ କୃତଂ ଚ ୟତ୍ .
## ଅସଦିତ୍ୟୁଚ୍ୟତେ ପାର୍ଥ ନ ଚ ତତ୍ପ୍ରେତ୍ୟ ନୋ ଇହ .. ୧୭-୨୮..

ହେ ଅର୍ଜୁନ ! ବିନା ଶ୍ରଦ୍ଧାରେ କରାଯାଉଥିବା ହୋମ, ଦିଆଯାଉଥିବା ଦାନ ଏବଂ କରାଯାଉଥିବା ତପ ତଥା ଅନ୍ୟାନ୍ୟ ଶୁଭକର୍ମକୁ 'ଅସତ୍' ବୋଲି କୁହାଯାଏ; ତେଣୁ ତାହା ଇହଲୋକରେ ଲାଭଦାୟକ ନୁହେଁ, କି ମରିବା ପରେ ମଧ୍ୟ ଲାଭଦାୟକ ନୁହେଁ ||୧୭-୨୮||

Whatever is done without faith; whether it is sacrifice, charity, austerity, or any other act; is called Asat. It has no value here or hereafter, O Arjuna. (17.28)

## ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍ଗୀତାସୂପନିଷତ୍ସୁ
## ବ୍ରହ୍ମବିଦ୍ୟାୟାଂ ୟୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ
## ଶ୍ରଦ୍ଧାତ୍ରୟବିଭାଗୟୋଗୋ ନାମ ସପ୍ତଦଶୋଽଧ୍ୟାୟଃ .. ୧୭..

******

---

PREPARED BY **www.odia.org** using the "**DHWANI-UNICODE**" software.
The shlokas are based on itrans text and the english meanings are quoted from “The Bhagavad-Geeta by Ramanand Prasad” (file “bgita_meaning.txt”) at www.sanskritdocuments.org .

The odia meaning is quoted from shrimadbhagabatgiitaa (Gita Press Gorakhpur #1100, ISBN 81-293-0066-4) in odia with tiikka by Jayadayaal Goyandaka.
**FOR CORRECTIONS: MAIL TO odiaorg@gmail.com**